# ଟାଟା-ଟି ଆନ୍ତଃସ୍କୁଲ ଫୁଟବଲ: ସମ୍ବଲପୁର ଟାଉନ୍ ହାଇସ୍କୁଲ ଚାମ୍ପିଅନ୍



।। ପ୍ରଭାନ୍ୟୁଜ୍ ।।

ଭୁବନେଶ୍ୱର, ୨୯।୧୨

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭୁବନେଶ୍ୱର ଆଥ୍ଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଟାଟା-ଟି ଆନ୍ତଃସ୍କୁଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ଟାଉନ ହାଇସ୍କୁଲ ୩-୨ ଗୋଲରେ କଟକ ସୟଦ ସେମିନାରୀକୁ ପରାସ୍ତ କରି ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି । ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ କରାଟେ ଚାମ୍ପିଅନ୍ ଭାଲିନା ଭାଲେଣ୍ଟିନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

ଇଣ୍ଟର ମିଲାନ କ୍ଲବ ସାରା ବିଶ୍ୱରେ ଫୁଟବଲ ପ୍ରତିଭା ଚିହ୍ନଟ କରିବା ପାଇଁ ୧୪ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା । ଉକ୍ତ ଟୁର୍ଣ୍ଣାମେଣ୍ଟରେ କଟକରୁ ୫ଟି, ସମ୍ବଲପୁରରୁ ଗୋଟିଏ ଏବଂ ଭୁବନେଶ୍ୱରର ସମୁଦାୟ ୩୪ଟି ବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ । ପୂର୍ବତନ ପ୍ରଖ୍ୟାତ ଫୁଟ୍‌ବଲ ତାରକା ମହମ୍ମଦ ନାସିର ମୁଖ୍ୟ ଚୟନକର୍ତ୍ତା ଭାବେ ଖେଳାଳିଙ୍କୁ ମନୋନୀତ କରିଥିଲେ । ସମ୍ବଲପୁର ଟାଉନ ହାଇସ୍କୁଲର ରାକେଶ ଓରାମ ଏବଂ ପିଏମ ଏକାଡେମୀର ପ୍ରକାଶ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ କରିଥିଲେ । ଉକ୍ତ ଉତ୍ସବରେ ସୁରେଶ କୁମାର ରାଉତରାୟ, ଅରବିନ୍ଦ ମିତ୍ର, ନବରଞ୍ଜନ ପଟ୍ଟନାୟକ, ରଘୁନାଥ ପଣ୍ଡା, ନରେନ୍ଦ୍ର ସେଠୀ, କଳିଙ୍ଗ ଷ୍ଟାଡିୟମ ଇନଚାର୍ଜ କୁମାର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ । ଟାଟା' ଟି ପକ୍ଷରୁ ହାଇଲାଇଫ୍ ଇଭେଣ୍ଟ ମ୍ୟାନେଜମ୍ୟାଣ୍ଟ କନସଲଟାନସିର ଅଧିକାରୀ ମାନେ ଏହି ଉତ୍ସବକୁ ପରିଚାଳନା କରିଥିବାବେଳେ ରେଫରୀ ଶଙ୍କର୍ଷଣ ଜେନା, ପ୍ରକାଶ ଦାସ, ମହେଶ୍ୱର ସିଂହ, ସୁଶାନ୍ତ ମହାନ୍ତି, ରାଜେନ୍ଦ୍ର ବେହେରା, ସେଖାଓ୍ୱାତ ଖାନ୍, କ୍ଷୀରୋଦ ଦାସ ଓ ସରୋଜ ମହାରଣା ପ୍ରମୁଖ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ।